# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**06 February – 2025**

## News Editor – Itishree Singh Rathaur

**********************************

## ମୁଖ୍ୟ ସମ୍ବାଦ

- ଦେଶର ବିକାଶରେ ନାରୀଶକ୍ତିଙ୍କ ଅତୁଳନୀୟ ଯୋଗଦାନ ରହିଛି; ରାଜ୍ୟସଭାରେ କହିଲେ, ପ୍ରଧାନମନ୍ତ୍ରୀ
- ଷୋଡଶ ଅର୍ଥ କମିଶନଙ୍କ ନିକଟରେ ୧୨ ଲକ୍ଷ ୫୯ ହଜାର କୋଟି ଟଙ୍କାର ଦାବି ଉପସ୍ଥାପନ କଲେ ରାଜ୍ୟ ସରକାର
- ରାଜ୍ୟରେ ଥିବା ସମବାୟ ବ୍ୟାଙ୍କଗୁଡ଼ିକରେ ଲାଗୁ ହେବ ଏକକାଳୀନ ପୈଠ ପ୍ରାବଧାନ

ଏବଂ

- ଭାରତ-ଇଂଲଣ୍ଡ ଏକଦିବସୀୟ କ୍ରିକେଟ ମ୍ୟାଚ୍ ପାଇଁ ଆସନ୍ତାକାଲି ଭୁବନେଶ୍ୱରରେ ପହଞ୍ଚିବେ ଦୁଇ ଦଳ

## ପିଏମ୍-ରାଜ୍ୟସଭା

ଦେଶର ବିକାଶରେ ନାରୀଶକ୍ତିଙ୍କର ଅତୁଳନୀୟ ଯୋଗଦାନ ରହିଛି। ଏଥିପାଇଁ ସରକାର ନାରୀଶକ୍ତି ବନ୍ଦନ ଅଧିନିୟମ କାର୍ଯ୍ୟକାରୀ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗନେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ରାଷ୍ଟ୍ର ପ୍ରଥମ ନୀତି ଅନୁସରଣ କରି ସରକାର କାର୍ଯ୍ୟ କରି ଆସୁଛନ୍ତି। 'ସବ୍ କା ସାଥ୍-ସବ୍‌କା ବିକାଶ'କୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଇଛି। ସମ୍ବିଧାନ ନିର୍ମାତା ଓ ଡକ୍ଟର ବାବାସାହେବ ଆମ୍ବେଦକରଙ୍କ ଭାବନାକୁ ନେଇ ଦେଶ ଆଗକୁ ବଢୁଛି। ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତଙ୍କ ଉନ୍ନତିକୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ ସରକାର ଚଳିତ ବଜେଟ୍‌ରେ ୧୨ ଲକ୍ଷ ପର୍ଯ୍ୟନ୍ତ ଆୟ ଉପରେ ଆୟକର ଛାଡ଼ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# - V/O -

ପିଏମ୍ ବିଶ୍ୱକର୍ମା, ମୁଦ୍ରା ଆଦି ଜନକଲ୍ୟାଣକାରୀ ଯୋଜନାକୁ ପ୍ରଧାନମନ୍ତ୍ରୀ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ଖେଳନା ସାମଗ୍ରୀ ଆମଦାନୀ ହେଉଥିବାବେଳେ ଏବେ ତିନିଗୁଣା ବାହାର ଦେଶକୁ ରପ୍ତାନୀ କରାଯାଉଛି। ମତ୍ସ୍ୟଜୀବୀଙ୍କ ବିକାଶ ପାଇଁ ୪୦ ହଜାର  କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ପିଏମ୍ ଜନମନ ଯୋଜନାରେ ଆଦିବାସୀ ସମାଜର କଲ୍ୟାଣ ପାଇଁ ସରକାର ଶତଚେଷ୍ଟିତ ବୋଲି ଶ୍ରୀ ମୋଦୀ କହିଛନ୍ତି।

## ଷୋଡ଼ଶ ଅର୍ଥ କମିଶନ

ରାଜ୍ୟ ସରକାର ୨୦୨୬ ରୁ ୨୦୩୧ ମସିହା ପର୍ଯ୍ୟନ୍ତ ପଂଚବର୍ଷୀୟ ଯୋଜନାରେ ଓଡ଼ିଶା ଲାଗି ଷୋଡଶ ଅର୍ଥ କମିଶନଙ୍କ ନିକଟରେ ୧୨ ଲକ୍ଷ ୫୯ ହଜାର ୧୪୮ କୋଟି ଟଙ୍କାର ଦାବି ଉପସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅର୍ଥ କମିଶନଙ୍କ ସହ ଆଲୋଚନା ପରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, କମିଶନଙ୍କ ସହ ରାଜ୍ୟର ବିଭିନ୍ନ ଆର୍ଥିକ ଦିଗ ଉପରେ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ବଣ୍ଟନ କରୁଥିବା ଟିକସ ଆୟକୁ ୪୧ ରୁ ୫୦ ପ୍ରତିଶତକୁ ବୃଦ୍ଧି କରିବା, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିକୁ କେନ୍ଦ୍ର ସରକାର ଶହେ ପ୍ରତିଶତ ବହନ କରିବା ଆଦି ଦାବି ଉପସ୍ଥାପନ କରାଯାଇଛି। ଏହାବ୍ୟତୀତ ସ୍ୱାସ୍ଥ୍ୟ, ଜଳଯୋଗାଣ, ପରିମଳ ଏବଂ ବାର୍ଦ୍ଧକ୍ୟ ସୁରକ୍ଷା ଆଦି ପାଇଁ ଅନୁଦାନ ଲାଗି କମିଶନଙ୍କୁ ପ୍ରସ୍ତାବ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା, ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂଚନା ଅନୁସାରେ, ଡକ୍ଟର ଅରବିନ୍ଦ ପନଗଡ଼ିଆଙ୍କ ନେତୃତ୍ୱରେ ଷୋଡଶ ଅର୍ଥ କମିଶନ ଗତ ୪ ତାରିଖରୁ ଆସନ୍ତାକାଲି ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସିଛନ୍ତି।

## ସର୍ବଦଳୀୟ ବୈଠକ

ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବ। ଅଧିବେଶନର ପୂର୍ବରୁ ଆସନ୍ତା ୧୨ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଗୃହକୁ ସୁରୁଖୁରୁରେ ପରିଚାଳନା ପାଇଁ ବୈଠକରେ ବାଚସ୍ପତି ସୁରମା ପାଢ଼ୀ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରିବେ। ସୂଚନାଯୋଗ୍ୟ, ୧୭ ତାରିଖରେ ୨୦୨୫-୨୬

ଆର୍ଥିକବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରାଯିବ। ଏହି ଅଧିବେଶନରେ ୨୮ଟି କାର୍ଯ୍ୟଦିବସ ରହିଛି।

## ବଦଳିବ ଭୂମିହୀନଙ୍କ ସଂଜ୍ଞା

ଭୂମିହୀନଙ୍କୁ ରାଜ୍ୟ ସରକାର ଜମି ବନ୍ଦୋବସ୍ତ ନିୟମ ଅନୁସାରେ, ଘର ତିଆରି ପାଇଁ ୪ ଡିସ୍‌ମିଲ୍ ଜାଗା ପ୍ରଦାନ କରିବେ ବୋଲି  ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଯେଉଁ ହିତାଧିକାରୀମାନଙ୍କ ପାଖରେ କମ୍ ଜମି ଅଛି ଓ ସେମାନେ ସରକାରଙ୍କ ଠାରୁ ଜମି ଆଶା କରୁଛନ୍ତି, ପ୍ରଥମେ ନିଜ ନାମରେ ଥିବା ଜମିକୁ ରାଜସ୍ୱ ବିଭାଗକୁ ହସ୍ତାନ୍ତର କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଉତ୍ତରାଧିକାରୀ ସୂତ୍ରରେ ଯେଉଁମାନଙ୍କର ୪ ଡିସ୍‌ମିଲରୁ କମ୍ ଜମି ଥିବ ସେମାନଙ୍କୁ ଭୂମିହୀନରେ ଗଣନା କରାଯିବ। ଏହା ସହ ନିର୍ଦ୍ଦିଷ୍ଟ ଏବଂ ଗ୍ରହଣୀୟ ଜାଗାରେ ଏକାଠି ୪ ଡିସ୍‌ମିଲ୍ ଜାଗା ପ୍ରଦାନ କରାଯିବା ନେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

ସୂଚନାଯୋଗ୍ୟ, ବସୁନ୍ଧରା ଯୋଜନାରେ ମିଳିଥିବା ଜାଗାକୁ ପୂର୍ବରୁ ବିକ୍ରି କରିହେଉଥିବାବେଳେ ଏବେ ଏହା ଆଉ ବିକ୍ରି କରାଯାଇ ପାରିବନାହିଁ। ଜମି କେବଳ ଉତ୍ତରାଧିକାରୀଙ୍କ ଖାତାରେ ରହିବ ବୋଲି ମନ୍ତ୍ରୀ କହିଛନ୍ତି।

## ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୦ ତାରିଖ ଦିନ ପୂର୍ବାହ୍ଣ ୧୧ଟା ସମୟରେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଦେଶବ୍ୟାପୀ ଛାତ୍ରଛାତ୍ରୀଙ୍କ

ସହିତ ସିଧାସଳଖ ଆଲୋଚନା କରିବେ। 'ପରୀକ୍ଷା ପେ ଚର୍ଚ୍ଚା-୨୦୨୫' ୮ଟି ପର୍ଯ୍ୟାୟ ଆଧାରିତ। ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଥମ ଆଲୋଚନା ସିଧାସଳଖ ଭାବେ ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପିଏମ୍‌ଓ-ୟୁଟ୍ୟୁବ୍ ଚ୍ୟାନେଲ୍ ଓ ଶିକ୍ଷା ମନ୍ତ୍ରଣାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମ ଚ୍ୟାନେଲ୍‌ରେ ପ୍ରସାରିତ ହେବ। ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବାପାଇଁ ମାନସିକ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା ତଥା ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ ପରୀକ୍ଷା ପେ ଚର୍ଚ୍ଚା ଆଲୋଚନାରେ ଯୋଗଦେବେ। ଚଳିତବର୍ଷ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳର ୩୬ ଜଣ ଛାତ୍ରଛାତ୍ରୀ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ସହ ଯୋଡିହେବେ। ଏହି ସଂସ୍କରଣକୁ ଭାରତର ବିବିଧତା ଏବଂ ଅନ୍ତର୍ଭୁକ୍ତିର ପ୍ରକୃତ ପ୍ରତିଫଳନ ଭାବେ ବିବେଚନା କରାଯାଉଛି।

## ଏକକାଳୀନ ପୈଠ

ରାଜ୍ୟରେ ଥିବା  ସମବାୟ ବ୍ୟାଙ୍କଗୁଡ଼ିକରେ ଓ୍ୱାନ୍ ଟାଇମ୍ ସେଟଲମେଣ୍ଟ ବା ଏକକାଳୀନ ପୈଠ ପ୍ରାବଧାନ ଲାଗୁ ହେବ। ଏହି ବ୍ୟବସ୍ଥା ଲାଗୁ କରିବାକୁ ସମବାୟ ବିଭାଗ ପକ୍ଷରୁ ଅନୁମୋଦନ ମିଳିଛି। ଏହାଦ୍ୱାରା ସମବାୟ ବ୍ୟାଙ୍କ ଓ ପ୍ରାଥମିକ କୃଷି ସମବାୟ ସମିତିର ମୋଟ୍ ଅନାଦେୟ ଋଣ ବୋଝ ହ୍ରାସ ପାଇବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ଯୋଜନା ପ୍ରତ୍ୟେକ ଆର୍ଥିକବର୍ଷରେ ଏପ୍ରିଲ୍ ୧ ତାରିଖରୁ ଅକ୍ଟୋବର ୩୦ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ପ୍ୟାକ୍ସ, ଲ୍ୟାମ୍ପ୍‌ସ୍ ଦ୍ୱାରା ଦିଆଯାଇଥିବା ସ୍ୱଳ୍ପକାଳୀନ ଫସଲ ଋଣ, ସମ୍ପୂର୍ଣ୍ଣ ସୁରକ୍ଷିତ ଋଣ, ସୁନା ଋଣ ଏବଂ ଇଚ୍ଛାକୃତ ଖିଲାପକାରୀ ନେଇଥିବା ଋଣ ଏହି ଯୋଜନାରେ ଅନ୍ତଭୁକ୍ତ ହେବ ନାହିଁ। ଯୋଜନାରେ

ଗ୍ରାହକଙ୍କ ଅଭିଯୋଗ ସମାଧାନର ବ୍ୟବସ୍ଥା ରହିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ମାଟ୍ରିକ ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆସନ୍ତା ୨୧ତାରିଖରୁ ଆରମ୍ଭ ହେବାକୁଥିବା ମାଟ୍ରିକ ପରୀକ୍ଷା ପାଇଁ ୧୨ ତାରିଖରୁ ନୋଡାଲ କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ପଠାଯିବ । ଚଳିତବର୍ଷ ପ୍ରଶ୍ନପତ୍ର ପ୍ରଘଟ ରୋକିବା ପାଇଁ ସ୍ୱତନ୍ତ୍ର ସିରିଏଲ୍ ନମ୍ବର ରଖାଯାଇଛି। ପ୍ରଶ୍ନପତ୍ର ପ୍ରଘଟ ହେଲେ କ୍ରମାଙ୍କ ନମ୍ବର ଆଧାରରେ ପରୀକ୍ଷା କେନ୍ଦ୍ର ଚିହ୍ନଟ ହୋଇପାରିବ।

ସୂଚନା ଅନୁଯାୟୀ, ୧୨ରୁ ୧୯ ତାରିଖ ମଧ୍ୟରେ ସମସ୍ତ ନୋଡାଲ୍ କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବ। ଚାରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ସହ ମୋଟ୍ ୧୭୨ଟି ଟିମ୍ ଏଥିପାଇଁ ଗଠନ କରାଯାଇଛି। ଚଳିତଥର ୩୦ଟି ଜିଲ୍ଲାର ୩ ହଜାର ୨୯ଟି ପରୀକ୍ଷା କେନ୍ଦ୍ରରେ ୫ଲକ୍ଷ ୨୦ହଜାର ୬୪୯ଜଣ ପରୀକ୍ଷା ଦେବେ ।

## ଜନଶୁଣାଣିରେ ବିଳମ୍ବରେ କାର୍ଯ୍ୟାନୁଷ୍ଠାନ

ଜନଶୁଣାଣି ପାଇଁ ଦାଖଲ ହେଉଥିବା ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଏହାର କାର୍ଯ୍ୟକାରିତା ନେଇ ବିଳମ୍ବ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁ ବିଭାଗର ମୁଖ୍ୟ, ପୋଲିସ୍ ମହାନିର୍ଦ୍ଦେଶକ,

କମିଶନର, ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଚିଠି ମାଧ୍ୟମରେ ଜଣାଯାଇଛି। ଅବହେଳା ପ୍ରଦର୍ଶନକାରୀଙ୍କ ବିରୋଧରେ ଓଡ଼ିଶା ବେସାମରିକ ସେବା ନିୟମ-୧୯୬୨ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଅନେକ ଅଭିଯୋଗର ଦୀର୍ଘଦିନ ଧରି ବିଭିନ୍ନ ସ୍ତରରେ ତ୍ୱରିତ ପଦକ୍ଷେପ ନେବାରେ ବିଳମ୍ବ ପରିଲକ୍ଷିତ ହେଉଛି। ଯାହାଦ୍ୱାରା ଅଭିଯୋଗକାରୀମାନେ ସମାନ ଅଭିଯୋଗ ଧରି ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଛନ୍ତି। ତେଣୁ ସମସ୍ୟାର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏପରି ନିର୍ଦ୍ଦେଶ ଜାରି କରାଯାଇଛି।

## ଶୈକ୍ଷିକ ଭବନ ଉଦ୍‌ଘାଟନ

ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ପଂଚାୟତସମିତି ମହାବିଦ୍ୟାଳୟଠାରେ ଶୈକ୍ଷିକ ଭବନକୁ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ବିଶ୍ୱ ବ୍ୟାଙ୍କ ସହାୟତାରେ ନିର୍ମାଣ ହୋଇଥିବା ଏହି ଭବନ ଦ୍ୱାରା ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା କ୍ଷେତ୍ରରେ ବୈଷୟିକ ସହାୟତା ସହ ଗୁଣାତ୍ମକ ଶିକ୍ଷା ପାଇପାରିବେ। ସେମାନଙ୍କ ପାଇଁ ଏକ ପ୍ରତିଯୋଗିତାମୂଳକ ଓ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ଆସନ୍ତାକାଲି ସରକାରଙ୍କ ଦ୍ୱାରା ବ୍ୟବସ୍ଥିତ ସ୍ୱତନ୍ତ୍ର ଟ୍ରେନ୍‌ରେ ବରିଷ୍ଠ ନାଗରିକମାନେ କଲିକତା ଓ କାମାକ୍ଷା ଅଭିମୁଖେ ଯାତ୍ରା କରିବେ। ସୁବର୍ଣ୍ଣପୁର ଜିଲ୍ଲାର ୫୨ ଜଣ, ଦେବଗଡ଼ ଜିଲ୍ଲାରୁ ୨୭ ଜଣ ଓ ବଲାଙ୍ଗିର ଜିଲ୍ଲାରୁ ୧୩୫

ଜଣ ବରିଷ୍ଠ ତୀର୍ଥଯାତ୍ରୀ ଏହି ଯାତ୍ରାରେ ଯାଉଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ୧୨ ତାରିଖ ପର୍ଯ୍ୟନ୍ତ ଯାତ୍ରୀମାନେ ତୀର୍ଥ ଭ୍ରମଣ କରିବେ। ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

## ସମୀକ୍ଷା ବୈଠକ

**ନୟାଗଡ଼** ଜିଲ୍ଲା ଭାପୁର ବ୍ଲକ୍ ସଦର ମହକୁମାସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଖଣ୍ଡପଡା ବିଧାନସଭା ମଣ୍ଡଳୀର ଭାପୁର ଏବଂ ଖଣ୍ଡପଡା ଅଂଚଳରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ବହୁ ସ୍ୱାସ୍ଥ୍ୟସେବା ଅଧିକାରୀମାନେ ଯୋଗଦେଇଥିଲେ।

# ବାରବାଟୀ ମ୍ୟାଚ୍

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ଇଂଲଣ୍ଡ ଏକଦିବସୀୟ କ୍ରିକେଟ ମ୍ୟାଚ୍ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ଉଭୟ ଦଳ ଆସନ୍ତାକାଲି ଭୁବନେଶ୍ୱରରେ ପହଞ୍ଚିବେ ଏବଂ ୮ ତାରିଖ ଶନିବାର ଦିନ ବାରବାଟୀ ଷ୍ଟାଡିୟମରେ ଅଭ୍ୟାସ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ମ୍ୟାଚ୍ ପାଇଁ ୫୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବାକୁ ଥିବାବେଳେ ଷ୍ଟାଡିୟମ ଭିତରକୁ ପାଣି ବୋତଲ ନେବାକୁ ବାରଣ କରାଯାଇଛି ।

# ପାଣିପାଗ

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଜି ୩୫ଟି ସହରର ଦିନର ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ସେଲସିୟସ୍ ଉପରେ ରେକର୍ଡ କରାଯାଇଛି। ଅନୁଗୁଳ, ମାଲକାନଗିରି, ପାରଳାଖେମୁଣ୍ଡି ଓ ଝାରସୁଗୁଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଉପରେ ରେକର୍ଡ ହୋଇଛି। ତେବେ ଆସନ୍ତା ୩ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନ କୁହୁଡି ହେବା ନେଇ ଜଗତ୍‌ସିଂହପୁର, କଟକ ଓ ଖୋର୍ଦ୍ଧା ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।